**The Nitidina**

**Date: 23.09.2018**

ଆଇଆଇଟିର ସପ୍ତମ ସମାବର୍ତ୍ତନ ଉତ୍ସବ

# ୩୩୨ ଜଣଙ୍କୁ ଡିଗ୍ରୀ, ଜଣଙ୍କୁ ସ୍ୱର୍ଣ୍ଣପଦକ




**ଜଟଣୀ,୨୨।୯/ଏନ୍‌ଏନ୍‌ଏସ୍ :** କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଆଇଆଇଟି ଭୁବନେଶ୍ୱରର ଅରଗୁଳ ସ୍ଥାୟୀ କ୍ୟାମ୍ପସଠାରେ ଶନିବାର ସପ୍ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୨୦୧୯-୨୦ ଶିକ୍ଷାବର୍ଷକୁ ଲକ୍ଷ୍ୟରଖି ଏହି କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ବିଭିନ୍ନ ଶିକ୍ଷାଯୋଜନା ପ୍ରଣୟନ ହେବା ସହିତ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ ଓ ପରିଚୟପତ୍ର ପ୍ରଦାନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମ ରେ ୩୩୨ ଜଣଙ୍କୁ ଡିଗ୍ରୀ, ଜଣଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ, ୧୫ ଜଣଙ୍କୁ ରୌପ୍ୟ ପଦକ ଦିଆଯାଇଥିବା ବେଳେ ୧୦ ଜଣ ପିଏଚଡି ଡିଗ୍ରୀ, ୯୧ ଜଣ ଏମ୍ ଟେକ୍, ୬୯ ଜଣ ଏମ୍‌ଏସ୍‌ସି, ୧୬୨ ଜଣଙ୍କୁ ବିଟେକ୍ ଡିଗ୍ରୀ ଦିଆଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗ (ଭାରତ ସରକାର) ସମ୍ପାଦକ ଡ. ଆସୁତୋଷ ଶର୍ମା ଯୋଗଦେଇ ଶିକ୍ଷାବର୍ଷରେ ପାଠ୍ୟକ୍ରମ ଓ ଏହାର ବୈଶିଷ୍ଟ୍ୟ ଉପରେ ଆଲୋଚନା କରିଥିଲେ। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆଇ ଭି ରାଜା କୁମାର ବାର୍ଷିକ ବିବରଣୀ ପାଠ କରିବା ସହିତ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ ହାସଲ କରିଥିବା ଛାତ୍ରଙ୍କ ସମ୍ପର୍କରେ ସ୍ୱାଗତ ଭାଷଣ ଦେଇଥିଲେ। ସ୍କୁଲ ଅଫ୍ ମେକାନିକାଲ ସାଇନ୍ସର ବିଟେକ୍ ଛାତ୍ର ନନ୍ଦୁରୀ ଦିବାକରଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକରେ ସମ୍ମାନିତ କରାଯାଇଥିବା ବେଳେ ସ୍କୁଲ ଅଫ୍ ଇନଫ୍ରାଷ୍ଟ୍ରକ୍‌ଚରର ଏମ୍ ଟେକ୍ ଛାତ୍ରୀ ଦେବଲୀନା ମୁଖାର୍ଜୀ ଓ ସ୍କୁଲ ଅଫ୍ ବେସିକ ସାଇନ୍ସର ଏମ୍‌ଏସ୍‌ସି ଛାତ୍ର ସାୟନ ରୟଙ୍କୁ ନିର୍ଦ୍ଦେଶକ ସ୍ୱର୍ଣ୍ଣ ପଦକରେ ସମ୍ମାନିତ କରାଯାଇଥିଲା ।